# ରାଉରକେଲା ମହାନଗର ନିଗମ, ରାଉରକେଲା

ସଂଖ୍ୟା...12150...... ତା...09.11.2018

## ସର୍ବସାଧାରଣ ବିଜ୍ଞପ୍ତି

ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ବିଜ୍ଞପ୍ତି ସଂଖ୍ୟା GSR/320(E) ଦ୍ୱାରା ପ୍ରକାଶିତ ବର୍ଜ୍ୟ ପ୍ଲାଷ୍ଟିକ ପରିଚାଳନା ନିୟମ - 2016 ଓ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା 21103, ତା. 29.9.2018 ଅନୁଯାୟୀ ରାଉରକେଲା ମହାନଗର ନିଗମ ପରିସରଭୁକ୍ତ ସମସ୍ତ ଅଞ୍ଚଳରେ ବର୍ଜ୍ୟ ପ୍ଲାଷ୍ଟିକ୍ ବ୍ୟବହାରକୁ ନିଷେଧ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଏହି ବାବଦରେ ଭିନ୍ନ ଭିନ୍ନ ବର୍ଗର ବର୍ଜ୍ୟ ପ୍ଲାଷ୍ଟିକ ବ୍ୟବହାର ସଂପର୍କିତ ଜୋରିମାନା ହାରର ବିସ୍ତୃତ ତଥ୍ୟ ରାଉରକେଲା ମହାନଗର ନିଗମ ୱେବସାଇଟ www.rmc.nic.inରେ ଉପଲବ୍ଧ ଅଛି।

ମାର୍ଗଦର୍ଶିକା ନିର୍ଦ୍ଦେଶର ଅନୁପାଳନ ଏହି ବିଜ୍ଞପ୍ତି ଜାରି ହେବା ଦିନଠାରୁ ତତକ୍ଷଣାତ କାର୍ଯ୍ୟକାରୀ ହେବ।

କମିଶନର

ରାଉରକେଲା ମହାନଗର ନିଗମ

ଜ୍ଞାପକ ସଂଖ୍ୟା...12151...... ତା ...09.11.2018

ଉକ୍ତ ବିଜ୍ଞପ୍ତିର ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡ ଏବଂ ସହରର ବିଭିନ୍ନ ପ୍ରମୁଖ ସ୍ଥାନରେ ଜନସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରଦର୍ଶନ କରାଗଲା।

କମିଶନର

ରାଉରକେଲା ମହାନଗର ନିଗମ

# ରାଉରକେଲା ମହାନଗର ନିଗମ, ରାଉରକେଲା

ସଂଖ୍ୟା 12150 ତା 09-11-2018

## ସର୍ବସାଧାରଣ ବିଜ୍ଞପ୍ତି

ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ବିଜ୍ଞପ୍ତି ସଂଖ୍ୟା GSR/320(E) ଦ୍ୱାରା ପ୍ରକାଶିତ ବର୍ଜ୍ୟ ପ୍ଲାଷ୍ଟିକ ପରିଚାଳନା ନିୟମ - 2016 ଓ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା 21103, ତା. 29.9.2018 ଅନୁଯାୟୀ ରାଉରକେଲା ମହାନଗର ନିଗମ ପରିସରଭୁକ୍ତ ସମସ୍ତ ଅଞ୍ଚଳରେ ନିମ୍ନଲିଖିତ ପଦକ୍ଷେପ ଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

୧. ନିମ୍ନଲିଖିତ ବସ୍ତୁ ଗୁଡିକର ବିକ୍ରି, ବ୍ୟବସାୟ, ଆମଦାନୀ, ବ୍ୟବହାର, ଉତ୍ପାଦନ, ଯୋଗାଣ ତଥା ଏସବୁକୁ ଗଛିତ କରିବା ନିଷିଦ୍ଧ କରାଯାଇଛି।

କ. ସମସ୍ତ ପ୍ରକାର ଓ ଆକାରର ପଲିଥିନ୍ କ୍ୟାରି ବ୍ୟାଗ୍ (କେବଳ ଭାରତୀୟ ନିର୍ଦ୍ଧାରଣ ମାନକ (IS17088:2008)କୁ ଅନୁସରଣ କରୁଥିବା କମ୍ପୋଷ୍ଟ ହୋଇପାରୁଥିବା ପଲିଥିନ୍ ବ୍ୟବହାର କରାଯାଇପାରିବ, ଯାହାକି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ମାନ୍ୟତାପ୍ରାପ୍ତ)

ଖ. 200 ମିଲିଲିଟରରୁ କମ ଧାରଣ କ୍ଷମତା ବିଶିଷ୍ଟ ପିଇବା ପାଣି ବୋତଲ

ଗ. ପ୍ଲାଷ୍ଟିକ୍ ତଥା ଥର୍ମୋକୁଲରେ ତିଆରି ସମସ୍ତ ପ୍ରକାର ଓ ଆକାରର ଖାଦ୍ୟ ପାତ୍ର, ଚାମଚ, କପ୍, ପ୍ଲେଟ୍, ଗ୍ଲାସ, ପାଣି ପାଉଚ୍

ଘ. ଥର୍ମୋକୁଲ୍ ତିଆରି ସାଜସଜ୍ଜା ସାମଗ୍ରୀ ( ଫୁଲ ଏବଂ ତତ୍ ସମ୍ବନ୍ଧୀୟ ସାମଗ୍ରୀ ଇତ୍ୟାଦି)

୨. 50 ମାଇକ୍ରନରୁ କମ ମୋଟେଇ ବିଶିଷ୍ଟ ପଲିଥିନ ବ୍ୟବହାର କରି କୌଣସି ପଦାର୍ଥ, ବସ୍ତୁ, ଖାଦ୍ୟ ପଦାର୍ଥ, ଦୁଗ୍ଧ ଓ ଦୁଗ୍ଧଜାତ ପଦାର୍ଥ ଏବଂ ଖାଇବା ତେଲ ଆଦିକୁ ସିଲ୍ କରି ଗଛିତ ରଖିବା, ପରିବହନ କରିବା, ବଣ୍ଟନ କରିବା ଆଦିକୁ ନିଷିଦ୍ଧ କରାଯାଇଛି। ମଇଳା ରଖିବା ପାଇଁ ପାଇଁ ବ୍ୟବହୃତ ଜରି ବ୍ୟାଗ୍, ଦହି, ଆଇସକ୍ରିମ୍ ଇତ୍ୟାଦି ସହ ନର୍ସରୀ, ଉଦ୍ୟାନ, କୃଷି କାର୍ଯ୍ୟରେ ବ୍ୟବହୃତ ହେଉଥିବା ପଲିଥିନ କୁ ଏଥିରୁ ବାଦ ଦିଆଯାଇଛି। ସେହିପରି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବ୍ୟବହାର ବିଭିନ୍ନ ସାମଗ୍ରୀ ଯଥା ଔଷଧ, ରକ୍ତ ଥଳୀ, ପୁନଃ ମୁଦ୍ରିତ ଥଳୀ, ଯନ୍ତ୍ରପାତି ଇତ୍ୟାଦିକୁ ମଧ୍ୟ ଏଥିରୁ ବାଦ ଦିଆଯାଇଛି (କେବଳ ଉତ୍ପାଦନ ପର୍ଯ୍ୟାୟରେ)

୩. କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ଉପର ବର୍ଣ୍ଣିତ ନିୟମରୁ ବାଦ ଦିଆଯାଇଥିବା ପ୍ଲାଷ୍ଟିକକୁ ଫୋପାଡିବା ବେଇଆନ

୪. ଯେକୌଣସି ଅନୁଷ୍ଠାନ ଯଥା, ଧାର୍ମିକ, ବ୍ୟବସାୟିକ, ଚଳମାନ ଖାଦ୍ୟ ଦୋକାନ, ଖାଦ୍ୟ ପ୍ରସ୍ତୁତକାରୀ ଅନୁଷ୍ଠାନ ବା ବ୍ୟବସାୟୀ, କଲ୍ୟାଣ ମଣ୍ଡପ କର୍ତ୍ତୃପକ୍ଷ, କାର୍ଯ୍ୟାଳୟ କର୍ତ୍ତୃପକ୍ଷ ଇତ୍ୟାଦି ଉପରୋକ୍ତ ଆଇନକୁ କଡ଼ାକଡ଼ି ଭାବେ ପାଳନ କରିବେ। ଏଥି ସହିତ ନିଜ ନିଜ ପରିସରରେ ଯଦି କୌଣସି କାର୍ଯ୍ୟକ୍ରମର ଆୟୋଜନ କରନ୍ତି, ତେବେ ସେମାନେ ସେଠାରେ କଟକଣାରୁ ବାଦ ପଡିଥିବା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁକୁ ଗଛିତ କରି ରଖିବା ପାଇଁ ଏକ ଖାଲି ସ୍ଥାନ ନିରୁପଣ କରିବା ସହ କାର୍ଯ୍ୟକ୍ରମ ପରେ ଉକ୍ତ ବର୍ଜ୍ୟବସ୍ତୁକୁ ସଂପୃକ୍ତ ଉତ୍ପାଦନକାରୀ ବା ଯୋଗାଣକାରୀଙ୍କୁ ଫେରସ୍ତ ଦେବେ।

୫. କଟକଣାରୁ ବାଦ ପଡିଥିବା ପ୍ଲାଷ୍ଟିକ, ପାଣି ବୋତଲ ତଥା ମୃଦୁ ପାନୀୟ, ଇତ୍ୟାଦିକୁ ସଂପୃକ୍ତ ଉତ୍ପାଦନକାରୀ, ଖୁଚୁରା ବ୍ୟବସାୟୀ ମାନଙ୍କ ଠାରୁ ଫେରସ୍ତ ନେବେ।

ଅତଏବ ଉପର ବର୍ଣ୍ଣିତ ନିୟମର ଖିଲାପ କଲେ ସଂପୃକ୍ତ ଖିଲାପକାରୀଙ୍କ ଠାରୁ ଜୋରିମାନା ଆଦାୟ ସହ ନିଷିଦ୍ଧ ପ୍ଲାଷ୍ଟିକକୁ ଜବତ କରାଯିବ।

କ. ସମସ୍ତ ପ୍ରକାର ଓ ଆକାରର ପଲିଥିନ୍ କ୍ୟାରି ବ୍ୟାଗ୍ (କେବଳ କମ୍ପୋଷ୍ଟ ହୋଇପାରୁଥିବା ପଲିଥିନ୍ ବ୍ୟବହାର କରାଯାଇପାରିବ, ଯାହାକି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ଵାରା ମାନ୍ୟତାପ୍ରାପ୍ତ), 200 ମିଲିଲିଟରରୁ କମ ଧାରଣ କ୍ଷମତା ବିଶିଷ୍ଟ ପିଇବା ପାଣି ବୋତଲ,

ପ୍ଲାଷ୍ଟିକ୍ ତଥା ଥର୍ମୋକୁଲରେ ତିଆରି ସମସ୍ତ ପ୍ରକାର ଓ ଆକାରର ଖାଦ୍ୟ ପାତ୍ର, ଚାମଚ, କପ୍, ପ୍ଲେଟ୍, ଗ୍ଲାସ, ଷ୍ଟ୍ର, ପାଣି ପାଉଚ୍ ଓ ଥର୍ମୋକୁଲ୍ ତିଆରି ସାଜସଜ୍ଜା ସାମଗ୍ରୀ ( ଫୁଲ ଏବଂ ତତ୍ ସମ୍ବନ୍ଧୀୟ ସାମଗ୍ରୀ ଇତ୍ୟାଦି) ର ବିକ୍ରି, ବ୍ୟବସାୟ, ଆମଦାନୀ, ବ୍ୟବହାର, ଉତ୍ପାଦନ, ଯୋଗାଣ ତଥା ଏସବୁକୁ ଗଛିତ କରିଲେ ନିମ୍ନ ମତେ ଜୋରିମାନା ଆଦାୟ କରାଯିବ।

| | |
|---|---|
| I. 500 ଗ୍ରାମ୍ ରୁ କମ ପରିମାଣର ନିଷିଦ୍ଧ ପ୍ଲାଷ୍ଟିକ | Rs.500 /- |
| II. 500 ଗ୍ରାମ୍ ରୁ ଉର୍ଦ୍ଧ୍ଵ ଓ 01 କି.ଗ୍ରା ପର୍ଯ୍ୟନ୍ତ ପରିମାଣର ନିଷିଦ୍ଧ ପ୍ଲାଷ୍ଟିକ | Rs.1000/- |
| III. 01 କି.ଗ୍ରାରୁ ଉର୍ଦ୍ଧ୍ଵ ଓ 05 କି.ଗ୍ରା ପର୍ଯ୍ୟନ୍ତ ପରିମାଣର ନିଷିଦ୍ଧ ପ୍ଲାଷ୍ଟିକ | Rs.5000/- |
| IV. 05 କି.ଗ୍ରାରୁ ଉର୍ଦ୍ଧ୍ଵ ଓ 10 କି.ଗ୍ରା ପର୍ଯ୍ୟନ୍ତ ପରିମାଣର ନିଷିଦ୍ଧ ପ୍ଲାଷ୍ଟିକ | Rs.10,000/- |
| V. 10 କି.ଗ୍ରା ରୁ ଉର୍ଦ୍ଧ୍ଵ ପରିମାଣର ନିଷିଦ୍ଧ ପ୍ଲାଷ୍ଟିକ | Rs.25,000/- |

ଖ. 50 ମାଇକ୍ରନରୁ କମ ମୋଟେଇ ବିଶିଷ୍ଟ ପଲିଥିନ ବ୍ୟବହାର କରି କୌଣସି ପଦାର୍ଥ, ବସ୍ତୁ, ଖାଦ୍ୟ ପଦାର୍ଥ, ଦୁଗ୍ଧ ଓ ଦୁଗ୍ଧଜାତ ପଦାର୍ଥ ଏବଂ ଖାଇବା ତେଲ ଆଦିକୁ ସିଲ୍ କରି ଗଚ୍ଛିତ ରଖିବା, ପରିବହନ କରିବା, ବଣ୍ଟନ କରିଲେ ନିମ୍ନ ମତେ ଜୋରିମାନା ଆଦାୟ କରାଯିବ ।

| | |
|---|---|
| I. 500 ଗ୍ରାମ୍ ରୁ କମ ପରିମାଣର ନିଷିଦ୍ଧ ପ୍ଲାଷ୍ଟିକ | Rs.500 /- |
| II. 500 ଗ୍ରାମ୍ ରୁ ଉର୍ଦ୍ଧ୍ଵ ଓ 01 କି.ଗ୍ରା ପର୍ଯ୍ୟନ୍ତ ପରିମାଣର ନିଷିଦ୍ଧ ପ୍ଲାଷ୍ଟିକ | Rs.1000/- |
| III. 01 କି.ଗ୍ରାରୁ ଉର୍ଦ୍ଧ୍ଵ ଓ 05 କି.ଗ୍ରା ପର୍ଯ୍ୟନ୍ତ ପରିମାଣର ନିଷିଦ୍ଧ ପ୍ଲାଷ୍ଟିକ | Rs.5000/- |
| IV. 05 କି.ଗ୍ରାରୁ ଉର୍ଦ୍ଧ୍ଵ ଓ 10 କି.ଗ୍ରା ପର୍ଯ୍ୟନ୍ତ ପରିମାଣର ନିଷିଦ୍ଧ ପ୍ଲାଷ୍ଟିକ | Rs.10,000/- |
| V. 10 କି.ଗ୍ରା ରୁ ଉର୍ଦ୍ଧ୍ଵ ପରିମାଣର ନିଷିଦ୍ଧ ପ୍ଲାଷ୍ଟିକ | Rs.25,000/- |

ଗ. କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ଉପର ବର୍ଣ୍ଣିତ ନିୟମରୁ ବାଦ ଦିଆଯାଇଥିବା ପ୍ଲାଷ୍ଟିକକୁ ଫୋପାଡିଲେ 200 ଟଙ୍କା ଜୋରିମାନା ଆଦାୟ କରାଯିବ।

ରାଉରକେଲା ମହାନଗର ନିଗମ ପରିସରଭୁକ୍ତ ସମସ୍ତ ଅଞ୍ଚଳରେ ଉପରୋକ୍ତ ନିୟମକୁ ସର୍ବସାଧାରଣଙ୍କ ଅବଗତି ତଥା ସଚେତନତା ନିମନ୍ତେ ନିଗମ ତରଫରୁ ବହୁଳ ଭାବେ ପ୍ରଚାର ଓ ପ୍ରସାର କାର୍ଯ୍ୟକ୍ରମ କରାଯାଉଛି। ଏତଦବ୍ୟତୀତ ମହାନଗର ନିଗମ ଦ୍ଵାରା ମିଳିତ ସ୍କ୍ଵାର୍ଡ ଗଠନ କରାଯାଇ ନିୟମିତ ଭାବେ ଯାଞ୍ଚ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

କମିଶନର

ରାଉରକେଲା ମହାନଗର ନିଗମ